# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 August - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ବାର୍ଡ ଫ୍ଲୁ ସଂକ୍ରମଣକୁ ପ୍ରତିହତ କରିବା ଲାଗି ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଲେ ରାଜ୍ୟ ସରକାର
- ଭକ୍ତି ଓ ଆନନ୍ଦର ସହ ସମଗ୍ର ରାଜ୍ୟରେ ପାଳନ କରାଯାଉଛି ଜନ୍ମାଷ୍ଟମୀ ପର୍ବ

– ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

- ଚୋରା ମଦ କାରବାର ବିରୁଦ୍ଧରେ ଚଢ଼ାଉ ଜାରି ରହିବ; ସ୍ପଷ୍ଟ କଲେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ
- ଇଡି ନିର୍ଦ୍ଦେଶକ ରାହୁଲ ନବୀନଙ୍କର ଆସନ୍ତାକାଲିଠାରୁ ତିନିଦିନିଆ ଓଡ଼ିଶା ଗସ୍ତ

ଏବଂ

- ଜଳସ୍ତର ହ୍ରାସ ପାଇବା ପରେ ବନ୍ଦ ହେଲା ହୀରାକୁଦ ଜଳଭଣ୍ଡାରର ୬ଟି ଗେଟ୍

– ଲଘୁଚାପ ପ୍ରଭାବରେ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା

***BBSR/C***

## ବାର୍ଡ ଫ୍ଲୁ

ପୁରୀ ଜିଲ୍ଲାର ପିପିଲିରେ ବାର୍ଡ ଫ୍ଲୁ ସଂକ୍ରମଣ ଦେଖାଦେବା ପରେ ହଜାର ହଜାର ସଂଖ୍ୟାର କୁକୁଡ଼ା ମାରି ପୋତି ଦିଆଯାଇଛି। ସୂଚନା ଅନୁଯାୟୀ, ରାଜ୍ୟ ସରକାର ପ୍ରୋଟକଲ ଅନୁଯାୟୀ, ୨୦ ହଜାରରୁ ଅଧିକ କୁକୁଡ଼ାକୁ ମାରି ପୋତି ଦିଆଯାଇଥିବା କୁହାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ ସାନିଟାଇଜ୍ ମଧ୍ୟ କରାଯାଇଛି। ପିପିଲି ଅଞ୍ଚଳରୁ ସଂଗୃହୀତ ବାର୍ଡ ଫ୍ଲୁ ନମୁନାରେ ଏଚ୍-ଫାଇଭ୍ ଏନ୍-ୱାନ୍ ଭୂତାଣୁ ପରିଲକ୍ଷିତ ହୋଇଥିବା ଭୋପାଳସ୍ଥିତ ଜାତୀୟ ପଶୁରୋଗ ପ୍ରତିଷ୍ଠାନ ତାର ରିପୋର୍ଟରେ ଦର୍ଶାଇଛି।

ଇତିମଧ୍ୟରେ ରାଜ୍ୟ ସରକାର ସମସ୍ତ ଜିଲ୍ଲା ପ୍ରଶାସନକୁ ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ବାର୍ଡ ଫ୍ଲୁ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶଙ୍କ ସୂଚନା ଅନୁଯାୟୀ, ବାର୍ଡ ଫ୍ଲୁରେ ସଂକ୍ରମଣ ହେଲେ ପ୍ରଥମେ ଜ୍ୱର ହୋଇଥାଏ। ତେଣୁ କିଛିଦିନ ଲାଗି ଚିକେନ ନ ଖାଇବା ଲାଗି ସେ ପରାମର୍ଶ ଦେଇଛନ୍ତି।

*HS/Sonepur/N.pur/BHK/Nayagarh*

## ଜନ୍ମାଷ୍ଟମୀ

ଭକ୍ତି ଓ ଆନନ୍ଦର ସହ ଆଜି ପବିତ୍ର ଜନ୍ମାଷ୍ଟମୀ ପର୍ବ ପାଳିତ ହେଉଛି। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ। ଜନ୍ମାଷ୍ଟମୀ ପାଇଁ ସାରା ଦେଶ ଉତ୍ସବ ମୁଖର ହୋଇଉଠିଛି । ଏଥିନିମନ୍ତେ ମନ୍ଦିରଗୁଡିକରେ ସ୍ୱତନ୍ତ୍ର ଭାବେ ଆୟୋଜନ କରାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଜନ୍ମାଷ୍ଟମୀର ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଏହି ପର୍ବ ଆମକୁ ଭଗବାନ ଶ୍ରୀ କୃଷ୍ଣଙ୍କ ଦିବ୍ୟ ଆଦର୍ଶ ପ୍ରତି ସମର୍ପଣ ହେବା ପାଇଁ ପ୍ରେରିତ କରିଥାଏ । ଆମେ ଭଗବାନ ଶ୍ରୀକୃଷ୍ଣଙ୍କ ଶିକ୍ଷାକୁ ଅନୁସରଣ କରିବା ସହ ଦେଶର ପ୍ରଗତି ଓ ସମୃଦ୍ଧି ପାଇଁ କାର୍ଯ୍ୟ କରିବାର ସଂକଳ୍ପ ନେବା ଲାଗି ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଦେଶବାସୀଙ୍କୁ ଜନ୍ମାଷ୍ଟମୀର ଶୁଭକାମନା ଜଣାଇଛନ୍ତି।

ରାଜ୍ୟପାଳ ରଘୁବର ଦାସ ପବିତ୍ର ଜନ୍ମାଷ୍ଟମୀର ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ରାଜ୍ୟପାଳ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ଅନନ୍ତ ମଙ୍ଗଳକାମନା କରିଛନ୍ତି । ସେ କହିଛନ୍ତି, ଭଗବାନ ଯୋଗେଶ୍ୱର

ସମସ୍ତଙ୍କ ମନୋସ୍କାମନା ପୂର୍ଣ୍ଣ କରି ଜୀବନରେ ଯଶ, କୀର୍ତ୍ତି ଓ ସମୃଦ୍ଧିର ବରଦାନ ଦିଅନ୍ତୁ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ପବିତ୍ର ଜନ୍ମାଷ୍ଟମୀର ଶୁଭେଚ୍ଛା ଜଣାଇ କହିଛନ୍ତି, ପ୍ରଭୁ ଶ୍ରୀକୃଷ୍ଣଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଭରିଯାଉ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ପବିତ୍ର ଜନ୍ମାଷ୍ଟମୀର ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ  ଶ୍ରୀ ପ୍ରଧାନ କହିଛନ୍ତି, ଜଗତର ପାଳନ କର୍ତ୍ତା, ଭଗବାନ ଶ୍ରୀକୃଷ୍ଣଙ୍କ ସଂପୂର୍ଣ୍ଣ ଜୀବନ ସମସ୍ତ ମାନବ ଜାତି ପାଇଁ ଆଦର୍ଶ ଅଟେ । ଜନ୍ମାଷ୍ଟମୀର ଏହି ପବିତ୍ର ପର୍ବ ଅବସରରେ ଯଶୋଦା ନନ୍ଦନ ଶ୍ରୀକୃଷ୍ଣଙ୍କ କୃପାରୁ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ଆସୁ ।

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହେଉଛି । ନାମସଂକୀର୍ତ୍ତନ ସହ ଶ୍ରୀକୃଷ୍ଣ ଓ ରାଧାବେଶରେ ଆସିଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପିଲାମାନଙ୍କୁ ବନ୍ଦାପନା କରାଯାଇଛି । ଛାତ୍ରଛାତ୍ରୀମାନେ ଲେଙ୍କୁଡ଼ିପଡ଼ାସ୍ଥିତ ରାଧାମନ୍ଦିରଠାରୁ ବଡ଼ସାହି ଦେଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଛନ୍ତି ।

ସେହିପରି ଭଦ୍ରକର ଓଡ଼ିଶା ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଇସ୍କନ ମନ୍ଦିର, ବାଲଗୋପାଲ ମନ୍ଦିରରେ ଜନ୍ମାଷ୍ଟମୀ ପର୍ବ ଆନନ୍ଦ ଉତ୍ସାହର ସହ ପାଳିତ ହେଉଛି। ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ନୈବେଦ୍ୟ ଅର୍ପଣ କରୁଛନ୍ତି।

ସୁବର୍ଣ୍ଣପୁରରେ ପାରମ୍ପରିକ ରୀତିମତେ ପବିତ୍ର ଜନ୍ମାଷ୍ଟମୀ ପର୍ବ ପାଳନ ଅବସରରେ ପୁରୁଣା ରାଜବାଟୀ ପରିସରସ୍ଥିତ ଶ୍ରୀଗୋପାଳଜୀଉ ମନ୍ଦିର, ଶ୍ୟାମସୁନ୍ଦର କୁଞ୍ଜକୁଟୀର ଓ ପାତାଳୀ ଶ୍ରୀକ୍ଷେତ୍ର ସମେତ ଅନେକ ମଠ ଓ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। କେତେକ ସ୍ଥାନରେ ହରିବଂଶ ପୁରାଣ ପାରାୟଣ ଅନୁଷ୍ଠିତ ହେଉଛି। ଆଜି ରାତିରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମପର୍ବ ପାଇଁ ପ୍ରସ୍ତୁତି ସହ ଆସନ୍ତାକାଲି ନନ୍ଦ ଉତ୍ସବ ସକାଶେ ପ୍ରସ୍ତୁତି ଶେଷ ହୋଇଛି।

ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ମଠ ଓ ମନ୍ଦିରକୁ ଜନ୍ମାଷ୍ଟମୀ ଅବସରରେ ଆଲୋକମାଳା ଓ ଫୁଲରେ ସଜ୍ଜିତ କରାଯାଇଛି। କେତେକ ସ୍ଥାନରେ ଶ୍ରୀମଦ୍ ଭାଗବତ ପୁରାଣ ପଠନ କରାଯାଉଛି।

***HS/Kandhamal***

## ଲକ୍ଷ୍ମଣାନନ୍ଦ ସରସ୍ୱତୀ ଜୟନ୍ତୀ

କନ୍ଧମାଳ ତୁମୁଡିବନ୍ଧ ଥାନା ଜଲେଶପଟ୍ଟା ଆଶ୍ରମ ଓ ଚକାପାଦ ପୀଠରେ  ଜନ୍ମାଷ୍ଟମୀ ଉତ୍ସବ ପାଳନ ସହ  ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ

୧୬ତମ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଆଶ୍ରମ ଭିତରେ ଆଉ ବାହାରେ ବନ୍ଧୁକଧାରୀ ଯବାନ ମୁତୟନ ରହିବା ସହ ଅଞ୍ଚଳରେ ପାଟ୍ରୋଲିଂକୁ ଜୋରଦାର କରାଯାଇଛି । ଜନ୍ମାଷ୍ଟମୀ ପାଳନ ଅବସରରେ କନ୍ଧମାଳ ପୋଲିସ ସଜାଗ ରହିବା ସହ ଯେକୌଣସି ଅପ୍ରୀତିକର ଘଟଣାକୁ ଏଡାଇବା ପାଇଁ ଅଞ୍ଚଳରେ ତୀକ୍ଷଣ ନଜର ରଖିଛି । ଉଭୟ ଜନ୍ମାଷ୍ଟମୀ ଓ ଶ୍ରଦ୍ଧାଞ୍ଜଳୀ ସଭା କିଭଳି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ, ସେ ନେଇ ଜଲେଶପଟା ଆଶ୍ରମରେ ଦକ୍ଷିଣାଞ୍ଚଳ ଆଇଜି ଜୟ ନାରାୟଣ ପଙ୍କଜ  ସୁରକ୍ଷା ସ୍ଥିତିର ଯାଞ୍ଚ କରିଛନ୍ତି। ଦକ୍ଷିଣାଞ୍ଚଳ ଆଇଜିଙ୍କ ଗସ୍ତ ସମୟରେ କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର ଉପସ୍ଥିତ ରହିଥିଲେ । ଇତିମଧ୍ୟରେ  ପଞ୍ଚାୟତରାଜ ମନ୍ତ୍ରୀ ରବି ନାୟକ ଓ ଉଚ୍ଚ ଶିକ୍ଷା ଏବଂ କ୍ରୀଡା ମନ୍ତ୍ରୀ  ସୂର୍ୟ୍ୟବଂଶୀ ସୁରଜ୍  ଜଲାସପଟା ଆଶ୍ରମରେ ପହଞ୍ଚି ସ୍ୱାମୀଜୀଙ୍କ ସମାଧିରେ  ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ସୂଚନାଯୋଗ୍ୟ,  ୨୦୦୮ ଅଗଷ୍ଟ ମାସରେ ଜନ୍ମାଷ୍ଟମି ପର୍ବ ପାଳନ ସମୟରେ ଆତତାୟୀଙ୍କ ଗୁଳିମାଡରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମେତ ତାଙ୍କର ୪ ଜଣ ଅନୁଗାମୀଙ୍କ ମୃତ୍ୟୁ ହୋଇଥିଲା ।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସ୍ମୃତିଚାରଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ମହାନ ସମାଜ ସଂସ୍କାରକ, ବେଦାନ୍ତ କେଶରୀ

ପରମ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମାନବ କଲ୍ୟାଣ, ଅସହାୟ ଓ ଦୁଃଖୀଙ୍କ ସେବା, ସଂସ୍କୃତିର ସୁରକ୍ଷା ଏବଂ ସମାଜ ସଂସ୍କାର ପାଇଁ ତାଙ୍କର ଜୀବନ ଉତ୍ସର୍ଗ କରିଥିଲେ।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁଜଙ୍ଗାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି। ସେ କହିଛନ୍ତି, ସମାଜର ବଂଚିତ ବର୍ଗଙ୍କ ସେବା ପାଇଁ ଓ ଜନସାଧାରଣଙ୍କ ମଧ୍ୟରେ ସମପର୍ଣ ଭାବନା ଉଦ୍ରେକ କରିବା ପାଇଁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ପ୍ରେରିତ କରୁଥିଲେ। ତାଙ୍କର ତ୍ୟାଗ, ନିଷ୍ଠା ଓ ନୀତି ଆଦର୍ଶ ଆମ ଜାତି ଓ ସମାଜ ପାଇଁ ସବର୍ଦା ପାଥେୟ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

***HS***

## ଲକ୍ଷ୍ମଣାନନ୍ଦ ସରସ୍ୱତୀ–ତଦନ୍ତ ରିପୋର୍ଟ

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ତଦନ୍ତ କମିଶନ ରିପୋର୍ଟ ଖୁବ୍‌ଶୀଘ୍ର ସାବର୍ଜନୀନ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଏ ନେଇ ଆଲୋଚନା କରିଛନ୍ତି । ଆଗାମୀ ଦିନରେ ଏ ନେଇ ସରକାରଙ୍କ କାର୍ଯ୍ୟପନ୍ଥା ସମ୍ପର୍କରେ ଖୁବ୍ ଶୀଘ୍ର ନିଷ୍ପତ୍ତି ଗ୍ରହଣ କରାଯିବ।

*HS*

## ଚୋରାମଦ ଚଢ଼ାଉ

ରାଜ୍ୟରେ ଚୋରା ମଦ ନିୟନ୍ତ୍ରଣ କରିବା ଲାଗି ଚୋରା ମଦ ବେପାରୀଙ୍କ ଉପରେ ଚଢ଼ାଉ ଜାରି ରହିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର ଦୃଢ଼ହସ୍ତରେ ଚୋରା ମଦ ନେଟୱାର୍କ ବନ୍ଦ କରିବେ। ସେ କହିଛନ୍ତି, ନିର୍ଣ୍ଣାୟକ ସ୍ଥିତି ଯାଏଁ ଚଢ଼ାଉ ଜାରି ରହିବ।

*Ganjam*

## ବାର୍ଷିକ ସମ୍ମିଳନୀ

ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ସଭାଗୃହ ଠାରେ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ଛତ୍ରପୁର ସବ ଡିଭିଜନ ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୨ବର୍ଷକୁ ଚାକିରୀର ଅବସର ସମୟ ବୃଦ୍ଧି କରିବା, ପୁରୁଣା ପେନସନ ଯୋଜନା ଲାଗୁ କରିବା ଏବଂ ପଦୋନ୍ନତିରେ କୋହଲ ନୀତି ଅବଲମ୍ବନ କରିବା ଲାଗି ଦାବି କରାଯାଇଛି।

*BHK*

## କ୍ରୀଡ଼ାମନ୍ତ୍ରୀ– ଭଦ୍ରକ

ରାଜ୍ୟ ଉଚ୍ଚ ଶିକ୍ଷା ଏବଂ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଭଦ୍ରକ ନେହେରୁ ଷ୍ଟାଡିୟମ୍ ପରିଦର୍ଶନରେ ଯାଇ କ୍ରୀଡ଼ାର ଭିତ୍ତିଭୂମି ବିକାଶ କାର୍ଯ୍ୟ

ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର କ୍ରୀଡ଼ାକୁ ଗୁରୁତ୍ୱ ଦେଉଥିବା ବେଳେ ଭଦ୍ରକ ନେହେରୁ ଷ୍ଟାଡିୟମ୍‌ର ଅଗ୍ରଗତି ଓ କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

***HS***

## ଇଡି ନିର୍ଦ୍ଦେଶକଙ୍କ ଓଡ଼ିଶା ଗସ୍ତ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇଡିର ନିର୍ଦ୍ଦେଶକ ରାହୁଲ ନବୀନ ତିନି ଦିନିଆ ଓଡିଶା ଗସ୍ତରେ ଆସିବେ। ସେ ଆସନ୍ତାକାଲି  ସନ୍ଧ୍ୟାରେ ଭୁବେନଶ୍ୱରରେ ପହଁଞ୍ଚିବେ। ଗସ୍ତ କାଳରେ ସେ କଟକ ଓ ଭୁବେନଶ୍ୱରରେ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେବେ। ଆସନ୍ତା ୨୮ ତାରିଖରେ ସେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

***Ganjam***

## ଜୈବିକ ଖାଦ୍ୟ

ସାମ୍ପ୍ରତିକ ପରିସ୍ଥିତିରେ ଜୈବିକ ଖାଦ୍ୟକୁ ପ୍ରାଧାନ୍ୟ ଦିଆଯିବ ଉଚିତ ବୋଲି ପଦ୍ମଶ୍ରୀ ସାବରମତୀ କହିଛନ୍ତି। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା- ଏନ୍.ଏସ୍.ଏସ୍. ପକ୍ଷରୁ ଆୟୋଜିତ ‘ଆମେ ଓ ଆମ ଖାଦ୍ୟ’ କାର୍ଯ୍ୟକ୍ରମରେ ଯୋଗଦେଇ ପଦ୍ମଶ୍ରୀ

ସାବରମତୀ କହିଛନ୍ତି, ବିଶ୍ୱରେ ଖାଦ୍ୟ ସଂକଟ ବୃଦ୍ଧି ପାଉଥିବା ବେଳେ ଖାଦ୍ୟ ସୁରକ୍ଷା ଓ ଜୈବିକ ଖାଦ୍ୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ସାବରମତୀଙ୍କୁ ସମ୍ମାନିତ କରାଯାଇଛି ।

***CTC***

## କଳାଧନ ଠାବ- ଏସ୍.ଆଇ.ଟି

ଦେଶ ତଥା ଦେଶ ବାହାରେ ଗଚ୍ଛିତ କଳାଧନ ଠାବ ପାଇଁ ଗଠିତ ଏସ୍.ଆଇ.ଟି.ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତା ବୁଧବାର କଟକରେ ଅନୁଷ୍ଠିତ ହେବ। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଏସ୍.ଆଇ.ଟି.ର ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଆବାସିକ କାର୍ଯ୍ୟାଳୟରେ ଏହି ବୈଠକ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ନିକଟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିବା କୋଟିପତି ଅଧିକାରୀଙ୍କ ସମ୍ପତ୍ତିର ତାଲିକା କିଛିଦିନ ପୂର୍ବରୁ ଉପାଧ୍ୟକ୍ଷ ବିଭାଗକୁ ମାଗିଥିଲେ। ଏହାର ତଥ୍ୟ ଆସନ୍ତାକାଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ଆୟକର ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଆୟକର, ପ୍ରତ୍ୟକ୍ଷ

ଟିକସ ବୋର୍ଡ, ସି.ବି.ଆଇ,  ରାଜ୍ୟ ପୁଲିସ ବରିଷ୍ଠ ଅଧିକାରୀ ଓ ଖଣି ବିଭାଗର ଅଧିକାରୀମାନେ ଯୋଗଦେବେ ବୋଲି ସୂଚନା ମିଳିଛି।

***Sambalpur***

## ହୀରାକୁଦ ଜଳଭଣ୍ଡାର

ଉପରମୁଣ୍ଡରେ ଜଳପ୍ରବେଶ ହ୍ରାସ ପାଇବା ଫଳରେ ହୀରାକୁଦ ଜଳଭଣ୍ଡାରର ୬ଟି ଗେଟ୍ ବନ୍ଦ କରାଯାଇଛି। ଏବେ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ହୀରାକୁଦ ବନ୍ଧର ବାମପାର୍ଶ୍ୱର ୯ଟି ଗେଟ୍ ଓ ଡାହାଣ ପାର୍ଶ୍ୱର ୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରର ଜଳସ୍ତର ହ୍ରାସ ପାଇ ୬୨୧ ଦଶମିକ ୪/୭ ଫୁଟରେ ରହିଥିବା ବେଳେ ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୪୫ ହଜାର ୨୪୦ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଛି।

***Desk***

# ପାଣିପାଗ

ବାଂଲାଦେଶ ଓ ଆଖାପାଖ ଅଞ୍ଚଳରେ ଗତକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡା

ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ସତର୍କ ସୂଚନା ଜାରି କରାଯାଇଛି ।